# Telephone conversation between PM and Prime Minister of the Socialist Republic of Vietnam

April 13, 2020

# ପ୍ରଧାନମନ୍ତ୍ରୀ ଏବଂ ଭିଏତନାମର ସମାଜବାଦୀ ଗଣରାଜ୍ୟର ପ୍ରଧାନମନ୍ତ୍ରୀଙ୍କ ଭିତରେ ଟେଲିଫୋନରେ କଥାବାର୍ତ୍ତା

ଏପ୍ରିଲ୍ 13, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଏତନାମର ସମାଜବାଦୀ ଗଣରାଜ୍ୟର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ଗୁଏନ୍ ଜୁଆନ୍ ଫୁକ୍ ଙ୍କ ସହିତ ଟେଲିଫୋନ୍ ରେ କଥା ହୋଇଛନ୍ତି। ଉଭୟ ନେତା COVID-19 ମହାମାରୀରୁ ଉତ୍ପନ୍ନ ପରିସ୍ଥିତି ଏବଂ ଏହି ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ନିଆ ଯାଉଥିବା ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରିଥିଲେ।

ନେତା ମାନେ COVID 19 ସହିତ ଲଢିବାରେ ଦ୍ୱିପକ୍ଷୀୟ ସହଯୋଗର କ୍ଷମତା ଉପରେ ନିଜର ସହମତି ବ୍ୟକ୍ତ କରିଥିଲେ ଯେଉଁଥିରେ ଆବଶ୍ୟକୀୟ ଚିକିତ୍ସା ଉପକରଣର ଯୋଗାଣ ପାଇଁ ସୁବିଧା ମଧ୍ୟ ସାମିଲ ଥିଲା। ସେମାନେ ମଧ୍ୟ ନିଜ ଅଞ୍ଚଳରେ ଉପସ୍ଥିତ ଥିବା ପରସ୍ପରର ନାଗରିକମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧତା ପ୍ରଦର୍ଶନ କରିଥିଲେ।

ଉଭୟ ନେତା ଭାରତ ଏବଂ ଭିଏତନାମ ମଧ୍ୟରେ ରଣନୈତିକ ଭାଗିଦାରୀର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ବିଭିନ୍ନ ଦିଗରେ ହାଲରେ ହୋଇଥିବା ପ୍ରଗତି ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନେ ଆଞ୍ଚଳିକ ଏବଂ ଆନ୍ତର୍ଜାତୀୟ ବିକାଶର ସମୀକ୍ଷା ମଧ୍ୟ କରିଥିଲେ।

ମହାମାରୀ ପ୍ରତିକ୍ରିୟାରେ ତଥା ଦ୍ୱିପକ୍ଷୀୟ ସମ୍ପର୍କର ଅନ୍ୟାନ୍ୟ ପକ୍ଷ ଉପରେ ସମନ୍ୱୟ ରକ୍ଷା କରିବାକୁ ସେମାନଙ୍କର ଦଳ ଆଗାମୀ ଦିନରେ ସମ୍ପର୍କରେ ରହିବେ ବୋଲି ଉଭୟ ନେତା ସହମତ ହୋଇଥିଲେ।

ବର୍ତ୍ତମାନର ସଙ୍କଟ ସମୟରେ ଭିଏତନାମବାସୀଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ନିଜର ଶୁଭେଚ୍ଛା ଜଣାଇଛନ୍ତି।

**ନୂଆ ଦିଲ୍ଲୀ**
**ଏପ୍ରିଲ୍ 13, 2020**

**DISCLAIMER: This is an approximate translation. The original is available in English on MEA’s website and may be referred to as the official press release.**